# କୋଭିଡ୍-୧୯: ଗଣମାଧ୍ୟମ ନିମନ୍ତେ ଉଦ୍ଦିଷ୍ଟ କେତୋଟି 'କରଣୀୟ ଓ ଅକରଣୀୟ'[1]

*ଭାସ୍ୱତୀ ପଟ୍ଟନାୟକ, ନବନୀତା ରଥ ଓ ଶ୍ରୀଜିତ୍ ମିଶ୍ର*[2]

**୨୬ ଜୁନ ୨୦୨୦** (ଇଂରାଜୀ ସଂସ୍କରଣ, **୧୬ ଜୁନ** ୨୦୨୦)

***ସଂକ୍ଷିପ୍ତ ଲେଖ:*** *କୋଭିଡ୍-୧୯ ଭଳି ମହାମାରୀ ସମୟରେ ତଥ୍ୟ ଓ ସୂଚନା ପ୍ରକାଶନ ଓ ପ୍ରସାରଣ କ୍ଷେତ୍ରରେ ଛାପା, ଇଲେକ୍ଟ୍ରୋନିକ, ୱେବ୍ ପୋର୍ଟାଲ ଓ ସାମାଜିକ (ଉଭୟ ଔପଚାରିକ ଓ ଅନୌପଚାରିକ) ଗଣମାଧ୍ୟମ ନିମନ୍ତେ ଉଦ୍ଦିଷ୍ଟ କେତୋଟି 'କରଣୀୟ ଓ ଅକରଣୀୟ' ଆଚରଣ ବାବଦରେ ଏହି ନୀତିପତ୍ରଟିରେ ସୂଚନା ଦିଆଯାଇଛି। ଯଦିଓ ଏ ତଥ୍ୟସବୁ ସାମାଜିକ ତଥା ଆଚରଣଗତ ବିଷୟବସ୍ତୁ - ଯଥା ଆଶଙ୍କିତ ବିପଦ, ନେତୃତ୍ୱ, ବ୍ୟକ୍ତିଗତ ଓ ସାମୁହିକ ସ୍ୱାର୍ଥ, ବିଜ୍ଞାନ ସଞ୍ଚାର, ସାମାଜିକ ପ୍ରାସଙ୍ଗିକତା ,ମାନସିକ ଚାପ ଓ ତାର ମୁକାବିଲା ଇତ୍ୟାଦି ଉପରେ ଆଧାରିତ, ଏଠାରେ ତାହା ସେଭଳି କ୍ରମରେ ଆଲୋଚିତ ହୋଇନାହିଁ।*

## ପ୍ରାରମ୍ଭ

ଇତିମଧ୍ୟରେ ସମଗ୍ର ବିଶ୍ୱର ହୃଦବୋଧ ହୋଇସାରିଛି ଯେ ସାର୍ସ-କୋଭ-୨ ନାମ ଭୂତାଣୁ ଦ୍ୱାରା **୨୦୧୯** ଠାରୁ ବ୍ୟାପୁଥିବା କରୋନା ଭାଇରସ ରୋଗର (କୋଭିଡ୍-୧୯), ସ୍ଥାୟୀ ନିବାରଣ ସମ୍ଭବ ନୁହେଁ। 'କୋଭିଡ୍-୧୯ ଆମ ସହିତ ରହିବ' – ଏହାକୁ ମାନସିକ ସ୍ତରରେ ଗ୍ରହଣ କରିନେଇ ଉପଯୁକ୍ତ ଜୀବନଶୈଳୀ ଦ୍ୱାରା ଆମକୁ ବଞ୍ଚିବାକୁ ହେବ। ଏହାର ପ୍ରଭାବ ହ୍ରାସ କରିବା ଦିଗରେ ସଂକ୍ରମଣ ପ୍ରତିରୋଧ ଏବଂ ଜନସାଧାରଣଙ୍କ ମନୋବଳ ବଜାୟ ରଖିବା ଜରୁରୀ ଅଟେ। ଏହି ବିପତ୍ତି ସମୟରେ ଛାପା, ଇଲେକ୍ଟ୍ରୋନିକ, ୱେବ୍ ପୋର୍ଟାଲ ,ଏବଂ ସାମାଜିକ (ଉଭୟ ଔପଚାରିକ ଓ ଅନୌପଚାରିକ ଭାବରେ ଅଧିକାରୀ ଏବଂ ଜନସାଧାରଣଙ୍କ ଦ୍ୱାରା ପ୍ରେରଣ ଓ ପ୍ରସାରଣ କରାଯାଉଥିବା) ଗଣମାଧ୍ୟମ ମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଜନସ୍ୱାସ୍ଥ୍ୟ କ୍ଷେତ୍ରରେ ଏକ ସଂକଟମୟ ପରିସ୍ଥିତିର ମୁକାବିଲା ପାଇଁ ବୃହତ ସଂଖ୍ୟକ ଜନସାଧାରଣଙ୍କ ପାଖରେ ପହଞ୍ଚିପାରୁଥିବା ଏହି ଗଣମାଧ୍ୟମର ଏକ ପ୍ରମୁଖ ଦାୟିତ୍ୱ ରହିଛି।

ଗଣମାଧ୍ୟମ ଏକ ବିଶେଷ ସଂଯୋଜକ ଏବଂ ପ୍ରସାରକ। ସଂକ୍ରମଣ ନିୟନ୍ତ୍ରଣ ଦିଗରେ ନିଆଯାଉଥିବା ଉପାୟ ସମୁହର ସୂଚନା ଓ ବ୍ୟାପକ ପ୍ରସାର ନିମନ୍ତେ ଏହା ଅନ୍ୟତମ ପ୍ରମୁଖ ସହାୟକ। ସୁଚିନ୍ତିତ ଭାବେ ମହାମାରୀ ସମ୍ପର୍କରେ ଖବର ପ୍ରସାରଣ କରା ନ ଗଲେ ତାହା ଲୋକମାନଙ୍କର ସମ୍ବେଦନତାକୁ ଆଘାତ ପହଞ୍ଚେଇପାରେ, ଯେହେତୁ ରୋଗ ବିଷୟରେ ସମ୍ପୂର୍ଣ୍ଣ ଜ୍ଞାନ ଏପର୍ଯ୍ୟନ୍ତ ଆୟତ୍ତ ହୋଇପାରିନାହିଁ। ଲୋକମାନଙ୍କର ସାମାଜିକ, ସାଂସ୍କୃତିକ ତଥା ମନସ୍ତାତ୍ତ୍ୱିକ ଅବସ୍ଥା ଏବଂ ପ୍ରସାରିତ ତଥ୍ୟର ମିଶ୍ରିତ ପ୍ରଭାବ, ଦେଶର ସାମୁହିକ ସ୍ୱାର୍ଥକୁ ହାନି ପହଞ୍ଚେଇପାରେ। ସେଥିପାଇଁ ଖବର ଏବଂ ପ୍ରସାରଣରେ ତ୍ରୁଟିଶୂନ୍ୟତା, ଯଥାର୍ଥତା, ଗୁଣାତ୍ମକ ମାନଦଣ୍ଡ ଇତ୍ୟାଦି ବିଷୟରେ ଗଣମାଧ୍ୟମ ବ୍ୟାପକ ସାବଧାନତା ଅବଲମ୍ବନ କରିବା ଉଚିତ।

---

[1] ଏହି ନୀତି ପତ୍ରରେ ପ୍ରକାଶିତ ମତଗୁଡ଼ିକ ଲେଖକମାନଙ୍କର ଅଟେ ଏବଂ ସେମାନେ ସଂପୃକ୍ତ ଥିବା ସଂସ୍ଥାଗୁଡ଼ିକର ମତାମତକୁ ପ୍ରତିନିଧିତ୍ୱ କରେ ନାହିଁ। ସାଧାରଣ ପ୍ରତ୍ୟାଖ୍ୟାନ ପ୍ରୟୋଗ ହୁଏ। ଏହି ଲେଖା ଟି ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା କେନ୍ଦ୍ରର ନୀତିପତ୍ର ୨୧କ(21a) ଓ ଏହା ଇଂରାଜୀ ନୀତିପତ୍ର ୨୧ (PB21NCDS, COVID-19: Do's and Don'ts for Media, 16 June 2020; a version of this was also published as Covid-19: Broad guidelines for media coverage in Policy Circle) ର ଓଡ଼ିଆ ସଂସ୍କରଣ।

[2] ଭାସ୍ୱତୀ ପଟ୍ଟନାୟକ ହେଉଛନ୍ତି ଉତ୍କଳ ବିଶ୍ୱବିଦ୍ୟାଳୟ ଭୁବନେଶ୍ୱରର ମନୋବିଜ୍ଞାନ ବିଭାଗର ପ୍ରଫେସର ତଥା ମୁଖ୍ୟ। ନବନୀତା ରଥ ହେଉଛନ୍ତି ଉତ୍କଳ ବିଶ୍ୱବିଦ୍ୟାଳୟ ଭୁବନେଶ୍ୱରର ସମାଜବିଜ୍ଞାନ ବିଭାଗର ପ୍ରଫେସର ତଥା ସ୍କୁଲ ଅଫ ୱିମେନ୍ସ ଷ୍ଟଡିଜ୍ ର ନିର୍ଦ୍ଦେଶିକା। ଶ୍ରୀଜିତ୍ ମିଶ୍ର ହେଉଛନ୍ତି ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା କେନ୍ଦ୍ରର ନିର୍ଦ୍ଦେଶକ ଏବଂ ଇନ୍ଦିରା ଗାନ୍ଧୀ ବିକାଶ ଅନୁସନ୍ଧାନ ସଂସ୍ଥା, ମୁମ୍ବାଇର ପ୍ରଫେସର।

## ଗଣମାଧ୍ୟମ ନିମନ୍ତେ ଉଦ୍ଦିଷ୍ଟ କେତୋଟି 'କରଣୀୟ ଓ ଅକରଣୀୟ'

ବାଭେଲ ଓ ତାଙ୍କ ସହଗବେଷକଙ୍କ ଦ୍ୱାରା *ନେଚର ହ୍ୟୁମାନ ବିହେଭିୟର* (୨୦୨୦) ରେ ପ୍ରକାଶିତ "କୋଭିଡ୍-୧୯ ମହାମାରୀ ନିମନ୍ତେ ସାମାଜିକ ଓ ଆଚରଣଭିତ୍ତିକ ବିଜ୍ଞାନର ସହଯୋଗ" ଗବେଷଣାପତ୍ରରେ ନିମ୍ନଲିଖିତ ୬ଟି ବିଷୟବସ୍ତୁ ଉପରେ ଆଲୋଚନା କରାଯାଇଅଛି - ଆଶଙ୍କିତ ବିପଦ, ନେତୃତ୍ୱ, ବ୍ୟକ୍ତିଗତ ଓ ସାମୁହିକ ସ୍ୱାର୍ଥ, ବିଜ୍ଞାନ ସଞ୍ଚାର, ସାମାଜିକ ପ୍ରାସଙ୍ଗିକତା, ମାନସିକ ଚାପ ଓ ତାର ମୁକାବିଲା ଇତ୍ୟାଦି। ଏହି ନୀତିପତ୍ରଟିରେ ଉପରୋକ୍ତ ଆଲୋଚନା ସହିତ ଭାରତ ତଥା ଓଡିଶାର ସାଂପ୍ରତିକ ପରିସ୍ଥିତିକୁ ବିଚାର କରି ସୂଚନା ପ୍ରକାଶନ ଓ ପ୍ରସାରଣ ଦିଗରେ କେତୋଟି 'କରଣୀୟ ଓ ଅକରଣୀୟ' ଆଚରଣ ବାବଦରେ ପ୍ରସ୍ତାବ ରଖାଯାଇଛି। ଆମର ବିଶ୍ୱାସ, ନିମ୍ନ ପ୍ରଦତ୍ତ ଏହି ପ୍ରସ୍ତାବ ସମୂହ ମହାମାରୀ ସମୟରେ ମାର୍ଗଦର୍ଶିକା ରୂପେ ଖବର ବା ତଥ୍ୟ ପ୍ରଚାର ଓ ପ୍ରସାର କ୍ଷେତ୍ରରେ ସମସ୍ତ ପ୍ରକାରର ଗଣମାଧ୍ୟମ ନିମନ୍ତେ ସହାୟକ ହେବ।

**ଟେବୁଲ ୧: କରୋନା ସମ୍ପର୍କିତ ତଥ୍ୟ ଓ ସୂଚନା ପ୍ରକାଶନ ଓ ପ୍ରସାରଣରେ କେତୋଟି 'କରଣୀୟ ଓ ଅକରଣୀୟ' ପ୍ରସ୍ତାବ**

| କରଣୀୟ | ଅକରଣୀୟ |
|---|---|
| ଯୁକ୍ତିଯୁକ୍ତ, ତଥ୍ୟ ସମ୍ବଳିତ ଏବଂ ନିରପେକ୍ଷ ଖବର ସାମନାକୁ ଆଣନ୍ତୁ ଯାହାଦ୍ୱାରା ଜନସାଧାରଣ ସଚେତନ ହେବା ସଙ୍ଗେ ସଙ୍ଗେ ଅଧିକାରୀ ଓ ନିୟମ ପ୍ରଣୟନକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇପାରିବ। | ଅଯୌକ୍ତିକ, ଭିତ୍ତିହୀନ ଓ ଉତ୍ତେଜନାପ୍ରବଣ ଖବର ଭ୍ରାନ୍ତି ଓ ପକ୍ଷପାତିତାକୁ ଇନ୍ଧନ ଯୋଗାଇଥାଏ। ଏହାର ପ୍ରସାରଣରୁ କ୍ଷାନ୍ତ ରୁହନ୍ତୁ। |
| ବୃତ୍ତିଗତ ନୈତିକତାକୁ ପାଥେୟ କରି ଜନହିତକର ସାମ୍ବାଦିକତାକୁ ସୁଦୃଢ କରନ୍ତୁ ଯାହାଦ୍ୱାରା ସାମୁହିକ ସୁରକ୍ଷା ଓ ସ୍ୱାର୍ଥ ହାସଲ କରାଯାଇପାରିବ। | ବ୍ୟବସାୟିକ ବା ଲାଭ ଉଠେଇବା ମନୋବୃତ୍ତି ନେଇ ଚାଲିଥିବା କାମଳ ସାମ୍ବାଦିକତାକୁ ପଶ୍ରୟ ଦିଅନ୍ତୁ ନାହିଁ। ଉଦାହରଣ ସ୍ୱରୂପ: ନିର୍ଦ୍ଦିଷ୍ଟ କୌଣସି ବ୍ରାଣ୍ଡର ମାସ୍କ ବା ସାନିଟାଇଜର ବ୍ୟବହାର କରିବାକୁ ପ୍ରବର୍ତ୍ତେଇବା ପରି ସୂଚନାର ପ୍ରସାରଣରୁ ବିରତ ରୁହନ୍ତୁ। |
| ସମୟ ସହିତ ତାଳ ଦେଇ ସଦ୍ୟ ଖବର ଓ ଅଧୁନାତନ ନିୟମାବଳୀ ଜନସାଧାରଣ ଏବଂ ଅଧିକାରୀଙ୍କ ସମ୍ମୁଖକୁ ଆଣନ୍ତୁ। | ପୁରୁଣା ହୋଇଯାଇଥିବା ବା ଯାହା ସାମୟିକ ଭାବେ ଅପ୍ରାସଙ୍ଗିକ, ସେଭଳି ତଥ୍ୟ ପରିବେଷଣ କରି ଜନସାଧାରଣଙ୍କୁ ଦ୍ୱନ୍ଦରେ ପକାନ୍ତୁ ନାହିଁ। |
| ଉଡ଼ା ଖବର ଓ ଚକ୍ରାନ୍ତତତ୍ତ୍ୱଭିତ୍ତିକ ସୂଚନା ପ୍ରତି ସଜାଗ ରୁହନ୍ତୁ ଏବଂ ଦୂରତା ରକ୍ଷା କରନ୍ତୁ। ଆବଶ୍ୟକ ସ୍ଥଳେ ବିଶେଷଜ୍ଞଙ୍କ ପରାମର୍ଶ ଲୋଡନ୍ତୁ ଏବଂ ଉପଯୁକ୍ତ ଶିକ୍ଷଣ / ଅନୁଶୀଳନ ଆପଣାନ୍ତୁ। | ମିଥ୍ୟା ଖବରକୁ ପ୍ରସାରିତ ହେବାକୁ ଦିଅନ୍ତୁ ନାହିଁ। ଉଦାହରଣ ସ୍ୱରୂପ: କିଛିଦିନ ତଳେ ଗୁଜବ ଆରମ୍ଭ ହୋଇଥିଲା ଯେ ଗୋଟିଏ ଗୋଷ୍ଠୀର କିଛି ଲୋକ ନିଜକୁ ଜାଣିଶୁଣି ସଂକ୍ରମିତ କରି ରୋଗକୁ ଆହୁରି ବ୍ୟାପକ କରିବା ଲାଗି ମାନବ-ବାହକ ରୂପେ ଚାଲିଆସିଛନ୍ତି। |
| କପୋଳକଳ୍ପିତ ଖବରକୁ ଖଣ୍ଡନ କରନ୍ତୁ। | ଗୁଜବ ପ୍ରଚାର କରନ୍ତୁ ନାହିଁ। |
| ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ମୁଖ୍ୟ ଟେଡ୍ରୋସ ଆଧାନୋମ ଘେବ୍ରେଏସୁସଙ୍କ ଉକ୍ତିକୁ -"ବର୍ତ୍ତମାନ ବିଜ୍ଞାନର ସମୟ, ଗୁଜବର ନୁହେଁ; ଐକ୍ୟର, ଅପବାଦର ନୁହେଁ " - ଅନୁସରଣ କରନ୍ତୁ। | ଲୋକଙ୍କ ମଧ୍ୟରେ ଅଯଥା ଚାଞ୍ଚଲ୍ୟ ସୃଷ୍ଟି କରିବା ଅର୍ଥରେ ବା ଲୋକଙ୍କ ଦୃଷ୍ଟି ଆକର୍ଷଣ କରିବା ନିମନ୍ତେ, ଅର୍ଦ୍ଧସତ୍ୟ ବା ଗୁଜବର ଅପପ୍ରଚାରରୁ ବିରତ ରୁହନ୍ତୁ। ବର୍ତ୍ତମାନ ଧର୍ମାନ୍ଧତା ନୁହେଁ ବରଂ ପ୍ରମାଣଭିତ୍ତିକ ଅନ୍ୱେଷଣର ସମୟ; ଏକଜୁଟ ହେବାର ସମୟ, ଅନ୍ୟ ଉପରେ ଜାହିର କରିବାର ନୁହେଁ। |
| ଯେତେଦୂର ସମ୍ଭବ, 'ଆମେ ସମସ୍ତେ' ଭଳି ଶବ୍ଦର ବ୍ୟବହାର ଯୋଗେ ଏକତା ଓ ଆତ୍ମୀୟତା ଭାବ ସୃଷ୍ଟି କରନ୍ତୁ। | ଅନ୍ୟକୁ ଦୋଷାରୋପ କଲାଭଳି ଭାଷା ପ୍ରୟୋଗ କରି 'ଆମେ ବନାମ ସେମାନେ' ଭଳି ସଂକୀର୍ଣ୍ଣତା ବଢାନ୍ତୁ ନାହିଁ। |

| | |
|---|---|
| ଭାଷା ପ୍ରୟୋଗରେ ସଂଯତମତା ରକ୍ଷା କରନ୍ତୁ ଯାହାଦ୍ୱାରା ସମସ୍ୟାଟି ସାମୁହିକ ବୋଲି ସମସ୍ତଙ୍କର ହୃଦବୋଧ ହେବ। | 'ସୁପର ସ୍ପ୍ରେଡର' ବା 'ପେସେଣ୍ଟ ଜିରୋ' ଭଳି ଅପମାନଜନକ ଭାଷା ବ୍ୟବହାର କରନ୍ତୁ ନାହିଁ। |
| ସଂକ୍ରମିତ ଓ ପ୍ରଭାବିତ ବ୍ୟକ୍ତିମାନଙ୍କ ପରିଚୟ ଗୋପନ ରଖନ୍ତୁ। | ସଂକ୍ରମିତ ଓ ପ୍ରଭାବିତ ବ୍ୟକ୍ତିମାନଙ୍କ ପରିଚୟ କିମ୍ବା ତାଙ୍କର କୌଣସି ଅଞ୍ଚଳଗତ ବା ବ୍ୟକ୍ତିଗତ ତଥ୍ୟ ପ୍ରକାଶ କରନ୍ତୁ ନାହିଁ ଯଦ୍ୱାରା ଗୋଷ୍ଠୀ ଭିତରେ ବିଦ୍ୱେଷ ସୃଷ୍ଟି ହେବ। |
| ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ନିୟମାବଳୀ ଅନୁଯାୟୀ ସାମାଜିକ ଦୂରତା ଅପେକ୍ଷା ଶାରୀରିକ ଦୂରତାକୁ ପ୍ରାଧାନ୍ୟ ଦିଅନ୍ତୁ ଯାହାକି ଲୋକମାନଙ୍କ ମନରେ ବିଶ୍ୱାସ ଆଣିଦେବ ଯେ ଏହା ସାମୂହିକ ସୁରକ୍ଷା ଲାଗି ଉଦ୍ଦିଷ୍ଟ, ଏବଂ ପାରସ୍ପରିକ ଆତ୍ମୀୟଭାବ ଓ ଦୂରଭାଷ ପରି ସଂଯୋଗ ଦ୍ୱାରା ଭାବ ବିନିମୟ ଏହି ସମୟରେ ଅତ୍ୟନ୍ତ ଆବଶ୍ୟକ । | ସାମାଜିକ ଦୂରତା ଶବ୍ଦ ଏପରି ବ୍ୟବହାର କରନ୍ତୁ ନାହିଁ ଯଦ୍ୱାରା ଲୋକମାନଙ୍କ ମନରେ ଅସହାୟତା କିମ୍ବା ଅସ୍ପୃଶ୍ୟତା ଭଳି ଭ୍ରାନ୍ତି ସୃଷ୍ଟି ହେବ। |
| ବ୍ୟବହାର ଉପଯୋଗୀ ସୂଚନା, ଯେପରିକି ଆବଶ୍ୟକୀୟ ସେବାଧିକାରୀମାନଙ୍କର ଯୋଗାଯୋଗ ଓ ଠିକଣା ଆଦି ତଥ୍ୟ, ପ୍ରସାରଣରେ ସାମିଲ କରନ୍ତୁ ଯାହାକି ଲୋକମାନଙ୍କ କାମରେ ଆସିପାରିବ । | ଯେଉଁ ଖବର ସମାଜରେ ବିଦ୍ୱେଷଭାବ ଏବଂ ଦୁର୍ବ୍ୟବହାର ସୃଷ୍ଟି କରିବାର ସମ୍ଭାବନା ରହିଛି, ଯେପରି - 'ଚାଇନିଜ ଭୂତାଣୁ', 'ଇସଲାମୀୟ ଯୋଜନା' ଇତ୍ୟାଦି, ସେ ଖବରକୁ ପ୍ରାଧାନ୍ୟ ଦିଅନ୍ତୁ ନାହିଁ। |
| ନୈତିକତା, ସୁରକ୍ଷାତ୍ମକତା ଆଦି ଉଦ୍ରେକ କଲାଭଳି ସୂଚନା ପ୍ରଦାନ କରନ୍ତୁ ଯାହା ଫଳରେ ପରିବାର ତଥା ସାମୂହିକ କଲ୍ୟାଣ ସହିତ ବିଜ୍ଞାନସମ୍ମତ ମାନ ରକ୍ଷା କରାଯାଇ ପାରିବ। | ଅନ୍ଧବିଶ୍ୱାସ କିମ୍ବା କୌଣସି ନିର୍ଦ୍ଦିଷ୍ଟ ଗୋଷ୍ଠୀର ସ୍ୱାର୍ଥରକ୍ଷା କରିବା ଭଳି ସୂଚନା ପ୍ରଦାନ କରନ୍ତୁ ନାହିଁ। |
| ସହଯୋଗ ଏବଂ ସୌହାର୍ଦ୍ୟପୂର୍ଣ୍ଣ ମନୋଭାବକୁ ପ୍ରୋତ୍ସାହିତ କରିବାକୁ 'ଏକତା ହିଁ ବଳ' ମାଧ୍ୟମରେ ଏକ ସଂଯୋଜକ ଭୂମିକା ନିଭାନ୍ତୁ ଯଦ୍ୱାରା 'ବିଭିନ୍ନତା ମଧ୍ୟେ ଏକତା' କୁ ଲୋକେ ସମ୍ମାନ କରିଶିଖିବେ। | ବିଚ୍ଛିନ୍ନତାବାଦୀ ସ୍ୱରର ପ୍ରସାରଣ କରନ୍ତୁ ନାହିଁ କିମ୍ବା କୌଣସି ଏକ ରାଜନୈତିକ ଦଳର ବିଭକ୍ତିକରଣ ନୀତିର ପକ୍ଷଭୁକ୍ତ ହୁଅନ୍ତୁ ନାହିଁ, ଯାହାଦ୍ୱାରା ଗୋଷ୍ଠୀକନ୍ଦଳ ଓ ସଂକୀର୍ଣ୍ଣ ମନୋଭାବ ବୃଦ୍ଧି ପାଇବ। |
| ଗୃହବନ୍ଦୀ ବା ଏକାକୀବାସ ସମୟରେ ଗଠନମୂଳକ କାର୍ଯ୍ୟସବୁକୁ ସାମ୍ନାକୁ ଆଣନ୍ତୁ ଯାହାଦ୍ୱାରା ଲୋକମାନେ ଘରେ ରହିଲେ ମଧ୍ୟ ସେଥିରେ ମନୋନିବେଶ କରି ସମୟର ସଦୁପୋଯୋଗ କରିପାରିବେ। ଦୀର୍ଘ ଅବକାଶର ପର୍ଯ୍ୟାପ୍ତ ସୁବିଧା ଉଠେଇବାର ବିଭିନ୍ନ ମାଧ୍ୟମ ବିଷୟରେ ସୂଚନା ଦେବା ସହିତ ଗତାନୁଗତିକତାଜନିତ ବିରକ୍ତିରୁ ମୁକ୍ତିପାଇବାର ସାଧନମାନ ପ୍ରସାର କରନ୍ତୁ। | ଯେଉଁସବୁ ଖବର ଜନସାଧାରଣଙ୍କୁ ଉଦବିଗ୍ନ କରାଏ, ଯେପରି- ଏକାକୀବାସରୁ ଆତ୍ମହତ୍ୟା କିମ୍ବା ଘରୋଇ ଦୁଷ୍କର୍ମ, ସେସବୁର ବହୁଳ ପ୍ରସାର କରନ୍ତୁ ନାହିଁ; ଏସବୁର ସୂଚନା ଦେବାବେଳେ ବ୍ୟକ୍ତି, ପରିବାର ଓ ଦେଶ ପାଇଁ ଏହି ଦୁର୍ଘଟଣା ଗୁଡିକର କୁପ୍ରଭାବ ବିଷୟରେ ସଚେତନ କରାନ୍ତୁ। |
| ଜନସାଧାରଣଙ୍କ ମନୋବଳ ବୃଦ୍ଧି କରିବାକୁ ଏବଂ ପ୍ରେରଣା ଯୋଗାଇଦେବାକୁ ବ୍ୟକ୍ତିବିଶେଷ ତଥା ଗୋଷ୍ଠୀ ଦ୍ୱାରା ସମ୍ପାଦିତ ସକାରାତ୍ମକ ଏବଂ ଆଦର୍ଶପୂର୍ଣ୍ଣ କୃତିସବୁକୁ ସାମ୍ନାକୁ ଆଣନ୍ତୁ। ଉଦାହରଣ ସ୍ୱରୂପ: କରୋନା ଯୋଦ୍ଧା, ସ୍ୱୟଂ ସହାୟକ ସମିତି, ସ୍ୱେଚ୍ଛାସେବୀ ମାନଙ୍କର ମହାମାରୀ ସମୟରେ କର୍ମନିପୁଣତା ଏବଂ ସାହାସିକତାର ଉଦାହରଣମାନ ମନରେ ଦମ୍ଭ ଓ ଆଗ୍ରହ ଆଣିଥାଏ। | ଲୋକମାନଙ୍କର କେବଳ ଅବାଧ ବା ଅସ୍ୱାଭାବିକ ଆଚରଣର ଦୃଷ୍ଟାନ୍ତ ଗୁଡିକର ପ୍ରସାରଣ ମଧ୍ୟରେ ସୀମିତ ରୁହନ୍ତୁ ନାହିଁ। ଜନସାଧାରଣଙ୍କ ହିତ ପାଇଁ ପ୍ରଣୟନ ହୋଇଥିବା ନିୟମ ଉଲଂଘନ କରି ସାମୁହିକ କ୍ଷତି ଘଟାଉଥିବା ପରି ତଥ୍ୟକୁ ପରିବେଷଣ କରିବା ବେଳେ ଏହାର ବ୍ୟକ୍ତି ତଥା ସମାଜ ଉପରେ କୁପରିଣାମ ବିଷୟରେ ସଚେତନ କରିବା ମଧ୍ୟ ଆବଶ୍ୟକ। |
| ଜନସାଧାରଣଙ୍କ ମଧ୍ୟରେ ମହାମାରୀକୁ ଲଢିବାରେ ସାହାଯ୍ୟ | ଡର ବା ଆତଙ୍କ ଉଦ୍ରେକ କଲାଭଳି ତଥ୍ୟ ପରିବେଷଣ |

| | |
|---|---|
| କରୁଥିବା ସୁରକ୍ଷାତ୍ମକ ବ୍ୟବହାର ଓ ଆଚରଣକୁ ସଶକ୍ତ କରିବା ନିମନ୍ତେ ଆତଙ୍କ ସୃଷ୍ଟି ନକରିବାଭଳି ଶବ୍ଦର ପ୍ରୟୋଗ କରନ୍ତୁ। ସଂଖ୍ୟାଭିତ୍ତିକ ତଥ୍ୟ ପରିବେଷଣ ଏପରି କରନ୍ତୁ ଯେପରି ସାଧାରଣ ଜନତା ସମସ୍ୟାଟିକୁ ହେୟଜ୍ଞାନ କିମ୍ବା ଅତିରଞ୍ଜିତ ନକରି ପରିସ୍ଥିତିର ଗମ୍ଭୀରତା ବୁଝିବେ। ଉଦାହରଣ ସ୍ୱରୂପ: ମୃତକଙ୍କ ସଂଖ୍ୟା ସହ ଆରୋଗ୍ୟଲାଭ କରିଥିବା ଲୋକଙ୍କ ସଂଖ୍ୟା ମଧ ପରିବେଷଣ କରନ୍ତୁ। | କରନ୍ତୁ ନାହିଁ ଯାଦ୍ୱାରା ଲୋକମାନଙ୍କର ନିଜର ସାମର୍ଥ୍ୟ ପ୍ରତି ବିଶ୍ୱାସ ତୁଟିଯିବ ବା ସେମାନେ ନିଜକୁ ଅସହାୟ ମନେ କରିବେ। କେବଳ ଅସ୍ତିବାଚକ ବା କେବଳ ନାସ୍ତିବାଚକ ତଥ୍ୟ ପରିବେଷଣ କରନ୍ତୁ ନାହିଁ ଯାଦ୍ୱାରା ଲୋକମାନେ ସମସ୍ୟାଟିକୁ ଦରକାର ଠାରୁ ଅଧିକ ହାଲୁକା କିମ୍ବା ଅଧିକ ଗମ୍ଭୀରତା ସହ ବିଚାର କରିବେ। |
| ସାଧାରଣରେ ପ୍ରାପ୍ତ ହେଉଥିବା ତଥ୍ୟଗୁଡ଼ିକୁ ଗୋଚରକୁ ଆଣନ୍ତୁ ଯଦି ସେମାନଙ୍କର ଉତ୍ସ ନିର୍ଭରଯୋଗ୍ୟ କିମ୍ବା ତା ଉପରେ ଉପଯୁକ୍ତ ତର୍ଜମା ସରିଛି। | ଉଡ଼ା ଖବରକୁ ସ୍ଥାନ ଦିଅନ୍ତୁ ନାହିଁ ଯାହା ଲୋକମାନଙ୍କ ମନରେ ତଥ୍ୟର ସତ୍ୟାସତ୍ୟ ବିଷୟରେସନ୍ଦେହ ଉପୁଜାଇବ। |
| ଲୋକଙ୍କ ମଧ୍ୟରେ ଅଙ୍ଗୀକାରବଦ୍ଧତାକୁ ବଢାଇବା ପାଇଁ ରାଷ୍ଟ୍ରୀୟସ୍ତରରେ ପ୍ରବର୍ତ୍ତିତ ନିୟମାବଳୀକୁ ଆଞ୍ଚଳିକ ଅଧିକାରୀଙ୍କ ଏଥିପ୍ରତି ଅନୁରୂପ ସହମତି ଥିବା ଦୃଶ୍ୟ ବା କଥନ ସହିତ ପରିବେଷଣ କରନ୍ତୁ। | ନିୟମାବଳୀକୁ ଏମିତି ପ୍ରଦର୍ଶିତ କରାନ୍ତୁ ନାହିଁ ଯେମିତି ତାହା ଲୋକଙ୍କୁ ଉପରଠାଉରିଆ ଓ ବାହ୍ୟିକ ମନେହେବ। |
| ଲୋକମାନଙ୍କୁ ଆସନ୍ନ ବିପତ୍ତିର ପ୍ରସ୍ତୁତି ସକାଶେ ଆବଶ୍ୟକୀୟ ସୂଚନା ପ୍ରସାର କରନ୍ତୁ ଯାହାଦ୍ୱାରା ସେମାନେ ବିପଦସଙ୍କୁଳ ବ୍ୟବହାରରୁ କ୍ଷାନ୍ତ ହେବେ। | ବିପଦ ଟାଳିବାରେ ଦେଶର ଅତୀତ ସଫଳତାକୁ ଅତିରଞ୍ଜିତ କରି ପରିବେଷଣ କରନ୍ତୁ ନାହିଁ ଯେପରିକି ଲୋକେ ଅତି ମାତ୍ରାରେ ନିଶ୍ଚିନ୍ତ ହୋଇଯାଇ ନ ଭାବନ୍ତୁ ଯେ ବିପଦର କୌଣସି ଆଶଙ୍କା ନାହିଁ। |
| ଗୋଷ୍ଠୀ ସମୂହଙ୍କ ମଧ୍ୟରେ ସହନଶୀଳତା ଓ ସଦଭାବ ଜନ୍ମାନ୍ତୁ (ସେମାନେ ବହିରାଗତ ହୁଅନ୍ତୁ କିମ୍ବା ଅବରୋଧ ଅଞ୍ଚଳର ହୋଇଥାନ୍ତୁ ଅଥବା ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର କିଏ ହୋଇଥାନ୍ତୁ)। | ଜାତିଆଣ ମନୋଭାବ, ପକ୍ଷପାତିତା, ସାମ୍ପ୍ରଦାୟିକତା ଏବଂ ଅନ୍ୟ ସଙ୍କୀର୍ଣ୍ଣତା ମନୋଭାବ ଉଦ୍ରେକ କଲାଭଳି ସୂଚନାର ପ୍ରସାରଣ କରନ୍ତୁ ନାହି ଯାହା ଫଳରେ ରାଷ୍ଟ୍ରୀୟ ଓ ଅନ୍ତଃରାଷ୍ଟ୍ରୀୟ ସହଯୋଗ ଓ ବୁଝାମଣା କ୍ଷୁର୍ଣ୍ଣ ହେବ। |
| ମହାମାରୀ ର ମୁକାବିଲାକୁ ଜୋରଦାର କରିବା ଲାଗି ପ୍ରଚଳିତ ନୀତି, ନିୟମାବଳୀ, ଗଠନମୂଳକ କାର୍ଯ୍ୟକ୍ରମ ଇତ୍ୟାଦିରେ ଯେଉଁ ପରିବର୍ତ୍ତନ ଆଣିବା ଆବଶ୍ୟକ, ତାହା ପ୍ରକାଶ କରନ୍ତୁ ଓ ତାର ବ୍ୟାପକ ଆଲୋଚନା ପାଇଁ ସୁଯୋଗ ସୃଷ୍ଟି କରନ୍ତୁ। | ପରିସ୍ଥିତିର ମୁକାବିଲାରେ ଅନ୍ତରାୟ ସୃଷ୍ଟି କରୁଥିବା ନୀତି ବା ମାର୍ଗାଦର୍ଶିକା ବିଷୟବସ୍ତୁକୁ ପ୍ରାଧାନ୍ୟ ଦିଅନ୍ତୁ ନାହିଁ। |

**ସମାପ୍ତି**:

ଚୟନ କରାଯାଇଥିବା ଉପରୋକ୍ତ 'କରଣୀୟ ଓ ଅକରଣୀୟ' ଏକ ସମ୍ପୂର୍ଣ୍ଣ ତାଲିକା ନୁହେଁ। ମାତ୍ର ଏହା ସବୁ ପ୍ରକାରର ଗଣମାଧ୍ୟମ ପାଇଁ ମାର୍ଗଦର୍ଶିକା ରୂପେ ସାହାଯ୍ୟ କରିବ ବୋଲି ଆଶା କରାଯାଉଛି। ଆଶଙ୍କିତ ବିପଦ, ନେତୃତ୍ୱ , ବ୍ୟକ୍ତିଗତ ଓ ସାମୁହିକ ସ୍ୱାର୍ଥ, ବିଜ୍ଞାନ ସଞ୍ଚାର, ସାମାଜିକ ପ୍ରାସଙ୍ଗିକତା , ମାନସିକ ଚାପ ଓ ତାର ମୁକାବିଲା ଇତ୍ୟାଦିକୁ ଆଖି ଆଗରେ ରଖି ଗଣମାଧ୍ୟମ ବ୍ୟାପକ ସାବଧାନତା ଅବଲମ୍ବନ କରି ଖବର ପ୍ରକାଶ ଓ ପ୍ରସାରଣ କରିବା ଉଚିତ ବୋଲି ଏଠାରେ ଦର୍ଶାଯାଇଛି। ସକ୍ରିୟତା ଓ ଦାୟିତ୍ୱବୋଧ - ଏହି ଦୁଇଟି ଦିଗ ପ୍ରତି ଧ୍ୟାନ ରଖି ଦେଶକୁ ତଥା ବିଶ୍ୱକୁ ବିପତ୍ତି ସମୟରେ ସାହାସୀ ଯୋଦ୍ଧା ହୋଇ ଲଢିବାରେ ଗଣମାଧ୍ୟମ ପ୍ରଭୂତ ସାହାଯ୍ୟ କରିପାରିବ।

-X-0-X-

There have been eleven NCDS policy briefs in the COVID-19 series. This is the Odia version of the tenth one on dos and don’ts for Media (PB21NCDS, 16 June 2020). The other policy briefs have been on analysis of cases across countries and provinces of China (PB12NCDS, 20 March 2020), on behavioural biases that could lead to panic like asking health care professionals to leave rented premises (PB13NCDS, 25 March 2020), on strengthening COVID hospitals and concerns of community transmission in Odisha (PB14NCDS, 28 March 2020), କୋଭିଡ-୧୯ ମହାମାରୀ ସମୟରେ ପୁଷ୍ଟିକର ଖାଦ୍ୟର ଉପଯୋଗିତା (PB15NCDS, 7 April 2020), which is an Odia translation of “Maintaining a healthy diet during COVID-19 pandemic” prepared by the Food and Agriculture Organization of the United Nations, a cross-country analysis of positive cases and testing (PB16NCDS, 11 April 2020), frequently asked questions on rapid antibody test (PB17NCDS, 20 April 2020; ଯାହାର ଓଡ଼ିଆ ସଂସ୍କରଣ, PB17aNCDS, 23 April 2020), on movement of migrant labourers (PB18NCDS, 27 April 2020; ଯାହାର ଓଡ଼ିଆ ସଂସ୍କରଣ, PB18aNCDS, 3 May 2020), on implications for malaria (PB19NCDS, 15 May 2020; ଯାହାର ଓଡ଼ିଆ ସଂସ୍କରଣ, PB19aNCDS, 28 May 2020), କୋଭିଡ-୧୯ର ମୁକାବିଲା: ଖୋରାକ, ପୁଷ୍ଟିସାର ଓ ସୁକ୍ଷ୍ମପୁଷ୍ଟିସାର (ମାଇକ୍ରୋନ୍ୟୁଟ୍ରିଏଣ୍ଟ)ର ୧୦ ଦଫା ସମ୍ବଳିତ ସଂକ୍ଷିପ୍ତ ବିବରଣୀ (PB20NCDS, 25 May2020) which is translation of a 10-pointer on diet and nutrition from NNEdPro, Cambridge, and life and livelihood as prerequisites for post-pandemic economy (PB22NCDS, 16 June 2020).

-0-X-0-




Nabakrushna Choudhury Centre for Development Studies (NCDS)
(an Indian Council of Social Science Research (ICSSR) institute in collaboration with Government of Odisha)
Bhubaneswar-751013, Odisha, India

Phone: +91-674-2301094
Email: ncds_bbsr@dataone.in
Web: ncds.nic.in
Facebook: @ncdsbhubaneswar
Twitter: @ncds_bbsr
YouTube: NCDS Bhubaneswar
Google Maps: NCDS Bhubaneswar